## ନଦୀରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ତିହିଡ଼ି,(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବଡ଼ଓରାଳି ଗ୍ରାମର ନିଖୋଜ ଚନ୍ଦ୍ରମଣି ଜେନା(୭୫)ଙ୍କ ମୃତଦେହ ଶନିବାର ରେବ ନଦୀରୁ ମିଳିଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପର ଗ୍ରାମ ନିକଟସ୍ଥ ରେବ ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନଦୀରୁ ମୃତଦେହ ବାହାର କରିଥିଲେ। ଚନ୍ଦ୍ରମଣି ଗତ ଗୁରୁବାର ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବେକରେ ଶିଳପୁଆ ବନ୍ଧା ହୋଇଥିବାରୁ ଏନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସଂକ୍ଷେପରେ

## ଶହୀଦ ବାଘାଯତୀନଙ୍କ ବଳିଦାନ ଦିବସ ଆଜି

ଉଦଳା, ୯।୯ (ସନ୍ତୋଷ କୁମାର ବାଛିନୀ)–ମୟୂରଭଞ୍ଜ ଜିଲା କପ୍ତିପଦାର ମହୁଲଡିହାସ୍ଥିତ ଶହୀଦ ବାଘାଯତୀନ ସ୍ମୃତି ପୀଠଠାରେ ରବିବାର ଶହୀଦ ବାଘାଯତୀନଙ୍କ ୧୦୮ତମ ବଳିଦାନ ଦିବସ ପାଳନ କରାଯିବ। ଦେଶ ମାତୃକା ପାଇଁ ଆତ୍ମବଳି ଦେଇଥିବା ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ନିମନ୍ତେ ଶହୀଦ ସ୍ମାରକୀ ସମାରୋହ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦିବସବ୍ୟାପୀ ଶହୀଦଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ରହିଛି। ଶହୀଦ ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି। ସ୍ମୃତିବେଦୀରେ ଜାତୀୟ ପତାକା ଉତ୍ତୋଳନ, ଶହୀଦ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ସାଧାରଣ ସଭା ଅନୁଷ୍ଠିତ ହେବ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ସୂଚନା ଦେଇଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ସମ୍ପାଦକ ସୁଶାନ୍ତ କୁମାର ମିଶ୍ର କହିଛନ୍ତି।

## ଭୋଗରାଇରେ ଡେଙ୍ଗୁ ମୃତ୍ୟୁସଂଖ୍ୟା ୨

ଭୋଗରାଇ, ୯।୯(ପ୍ରଦୀପ ଦାସ)–ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗୋଳା ବଗଡ଼ ଗ୍ରାମର ଧର୍ମପଦ ଦତ୍ତଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ (୩୦)ଙ୍କ ଡେଙ୍ଗୁରେ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ହୋଇଛି। ନିକଟରେ ଚଣ୍ଡୀପୁର ଗ୍ରାମରେ ଡେଙ୍ଗୁରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ଗୋଳାବଗଡ଼ ଗ୍ରାମର ଅନ୍ୟ ଜଣେ ମହିଳାଙ୍କ ମୃତ୍ୟୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଥାନା ଡ୍ରାଇଭରଙ୍କୁ ମାଡ଼, ଜଣେ ଗିରଫ

ବାସୁଦେବପୁର, ୯।୯(ନାରାୟଣ ପ୍ରସାଦ ବାରିକ୍)–ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ଗାଡ଼ି ଡ୍ରାଇଭର ମନୋଜ କୁମାର ବାରିକଙ୍କୁ କାର୍ଯ୍ୟରତ ଅବସ୍ଥାରେ ମାଡ଼ ମାରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ନାୟକାଣିଡିହୀ ଥାନା ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମର ରାଜାରାମ ମଳିକ। ଗତ ଗୁରୁବାର ବିଳମ୍ବିତ ରାତିରେ ବାସୁଦେବପୁର ଥାନା ଗାଡ଼ି ଭଦ୍ରକରୁ ବାସୁଦେବପୁର ଥାନା ଅଭିମୁଖେ ଫେରୁଥିଲା। କପାଗଡ଼ିଆ ଛକଠାରେ ରାଜାରାମ ଅନ୍ୟ ଏକ ଗାଡ଼ିରେ ଆସୁଥିବା ବେଳେ ଗାଡ଼ିର ଉପର ମାରିବା ଘଟଣାକୁ ନେଇ ମନୋଜଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଜାରାମ ଉତ୍ତେଜିତ ହୋଇ ମନୋଜଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମନୋଜଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ.୫୧୧/୨୩) ରୁଜୁ ହୋଇଛି।

## ପାରିବାରିକ କଳହରୁ ଆତ୍ମହତ୍ୟା

ପାଟଣା, ୯।୯(ବୀର କିଶୋର ଦାଶ) କେନ୍ଦୁଝର ଜିଲା ପାଟଣା ଥାନା ଗଣ୍ଡବେଡ଼ା ପଞ୍ଚାୟତ ତେଲିପଡ଼ା ଗାଁରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ସୁଶୀଳ ନାଏକ(୫୦)। ଶନିବାର ସାହାରପଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ସୁଶୀଳ ଶୁକ୍ରବାର ରାତିରେ ଖାଇ ସାରିବା ପରେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ଶନିବାର ସକାଳୁ ଘରଲୋକେ ଘରଠାରୁ ୧ ଶହ ମିଟର ଦୂରରେ ପଡ଼ିଆ ମଝିରେ ଥିବା ଏକ ଗଛରେ ସୁଶୀଳଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୩) ରୁଜୁ ହୋଇଛି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରେ ପୋଲିସ ଜାଣିବାକୁ ପାଇଛି।

# ‘କ୍ରାନ୍ତିକାରୀଙ୍କ ମଧ୍ୟରେ ଜାଗ୍ରତ କରାଉଥିଲେ ଦୃଢ଼ ଆତ୍ମଶକ୍ତି’

### ବାଘାଯତୀନଙ୍କ ଶହୀଦ ସମାରୋହ ଉଦ୍‌ଘାଟିତ

ବାଲେଶ୍ୱର, ୯।୯ (ମାନସ ବିଶ୍ୱାଳ)



ଅତିଥିମାନଙ୍କ ଦ୍ୱାରା ‘ଶହୀଦ ବାଘାଯତୀନ’ ପୁସ୍ତକ ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଚଷାଖଣ୍ଡର ଦେଶୁଆଁ ପୋଖରୀଠାରେ ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ଦେଶପ୍ରେମର ପ୍ରତୀକ ବିପ୍ଳବୀ ବୀର ବାଘାଯତୀନଙ୍କ ୧୦୮ତମ ଶହୀଦ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଜାତୀୟ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଭାରତର ସ୍ୱାଧୀନତା ଆନ୍ଦୋଳନର କ୍ରାନ୍ତିକାରୀଙ୍କ ମଧ୍ୟରେ ଦୃଢ଼ ଆତ୍ମଶକ୍ତି ଜାଗ୍ରତ କରିବାରେ ବାଘାଯତୀନଙ୍କ ଭୂମିକା ପ୍ରେରଣାଦାୟକ ଥିଲା ବୋଲି କହିଥିଲେ।

ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ବାଘାଯତୀନ ଓ ସାଥୀଙ୍କ ଆତ୍ମ ବଳିଦାନ ବାଲେଶ୍ୱର ସମେତ ସମଗ୍ର ଦେଶ ପାଇଁ ଗୌରବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗଦେଇ ବାଘାଯତୀନଙ୍କ ଅଦମ୍ୟ ସାହସ ଓ ଆତ୍ମବଳିଦାନ ଯୋଗୁ ବାଲେଶ୍ୱର ମାଟି ଧନ୍ୟ ହୋଇଛି। ଶହୀଦଙ୍କ ବୀରତ୍ୱ ଓ ଆଦର୍ଶ ଯୁବଗୋଷ୍ଠୀଙ୍କୁ ସର୍ବଦା ପ୍ରେରଣା ଦେଇଆସୁଥିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା ଯୋଗଦେଇ ଇତିହାସର ପରିଭାଷାକୁ ହୃଦୟଙ୍ଗମ କରିପାରିଲେ ହିଁ ବିପ୍ଳବୀମାନଙ୍କର ସ୍ମୃତିଚାରଣ ଚରିତାର୍ଥ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ଅଜିତ ବରାଳଙ୍କ ରଚିତ ‘ଶହୀଦ ବାଘାଯତୀନ’ ପୁସ୍ତକ ଉନ୍ମୋଚନ କରିଥିଲେ। ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତି ସ୍ମୃତି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଖବରଦାତା ରଞ୍ଜନ କୁମାର ବାଗ୍, ଚଷାଖଣ୍ଡ ସରପଞ୍ଚ କେଦାର ନାଥ ସାହୁ ଓ ସମିତିସଭ୍ୟ ଶେଖଆଲି ହୋସେନ, ଗଣ୍ଡର୍ଦ୍ଧା ସମିତିସଭ୍ୟ ଜୟନ୍ତ କୁମାର ଦାସ, ଯଯାତି ଦାସ, ସ୍ନେହଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରଚୋରା ମନ୍ଦିରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସ୍କୁଲ ରାସ୍ତାରେ ଜମୁଛି ବର୍ଷାପାଣି

### ନିଷ୍କାସନ ବ୍ୟବସ୍ଥା ନାହିଁ

ଧାମନଗର,୯।୯(ଦେବେନ୍ଦ୍ର ଆଦିଆ)



ଫିଡର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତାରେ ଜମିଥିବା ବର୍ଷାପାଣିରେ ପଶି ଯାଉଛନ୍ତି।

ଭଦ୍ରକ ଜିଲା ଧାମନଗର ବ୍ଲକର ପୁରାତନ ସ୍କୁଲ ଫିଡର ପ୍ରାଥମିକ ବିଦ୍ୟାଳୟ। ୧୯୩୬ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ଯେ କେତେ ପିଲାଙ୍କୁ ମଣିଷ କରିଛି, ତାହାର କୌଣସି ହିସାବ ନାହିଁ। ହେଲେ ଏହି ବିଦ୍ୟାଳୟ ପ୍ରତି ପ୍ରଶାସନର ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବର୍ତ୍ତମାନ ବିଦ୍ୟାଳୟରେ ୩୨୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଏକମାତ୍ର ଖେଳପଡ଼ିଆରେ କିଛି ମାସ ତଳେ ସରକାର ଇନ୍‌ଡୋର ଷ୍ଟାଡିୟମ କରିଛନ୍ତି। ଏହି ବିଦ୍ୟାଳୟକୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଲାଗିଛି। ଉକ୍ତ ରାସ୍ତାରେ ପିଲାମାନେ ଯାତାୟତ କରୁଛନ୍ତି। ନିର୍ମାଣାଧୀନ ଷ୍ଟାଡିୟମର ପାଚେରି ତିଆରି ହେବା ପରେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖ ଏହି ରାସ୍ତାରେ ପାଣି ଜମି ରହୁଛି। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କୁନି ପିଲାମାନେ ବର୍ଷାପାଣିରେ ପଶି ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି। ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାରୁ ବର୍ଷାପାଣି ନିଷ୍କାସନ ବ୍ୟବସ୍ଥା କରିବା ସହ ରାସ୍ତାକୁ ଉଚ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

## ଖନ୍ତାପଡ଼ା ବଜାରରୁ ଜବରଦଖଲ ଉଚ୍ଛେଦ

ବାହାନଗା, ୯।୯(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ବଜାରର ଦୁଇ କଡରେ ଥିବା ଦୋକାନଗୁଡ଼ିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ୧୬ ନଂ. ଜାତୀୟ ରାଜପଥର ପୂର୍ବ କଡ ରାସ୍ତାର ଦୁଇ ପାଖରେ ଥିବା ଦୋକାନ ଘର ସବୁ ସରକାରୀ ଜମିକୁ ଜବରଦଖଲ କରି ଲୋକମାନେ ଦୋକାନ ଘର କରି ବର୍ଷ ବର୍ଷ ଧରି ବ୍ୟବସାୟ କରିଆସୁଥିଲେ। ଏନେଇ ୨୦୧୯ରେ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜମିକୁ ଜବରଦଖଲ କରିଥିବା ସମସ୍ତ ଦୋକାନୀ ଓ ସର୍ବସାଧାରଣଙ୍କଠାରୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟୀ ଗତବର୍ଷ ଉଚ୍ଛେଦ କରାଯିବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ତେବେ ସେହି ଅନୁଯାୟୀ ଶୁକ୍ରବାର ପୁନର୍ବାର ସରକାରୀ ଜମିରେ ଜବରଦଖଲ କରି ଘର କରିଥିବା ବ୍ୟବସାୟମାନଙ୍କ ଦୋକାନ ଘରକୁ ପ୍ରଶାସନ ଉଚ୍ଛେଦ କରିଛି। ୧୬ନମ୍ବର ଜାତୀୟ ରାଜପଥରୁ ଖନ୍ତାପଡା ରେଳଷ୍ଟେଶନ ପର୍ଯ୍ୟନ୍ତ ଦୁଇ କଡରେ ଥିବା ସମସ୍ତ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ଦୋକାନୀମାନଙ୍କୁ ୩ ମାସ ପୂର୍ବରୁ ଦୋକାନ ଖାଲି କରିଦେବା ପାଇଁ ନୋଟିସ୍ ଦିଆଯାଇଥିଲା। ସେହି ଅନୁଯାୟୀ ଶୁକ୍ରବାର ବାହାନଗା ତହସିଲଦାର ହିମାଂଶୁ ଶେଖର ଗିରି, ଆରଆଇ ଚନ୍ଦନ ସେଠୀ, ଖନ୍ତାପଡା ଓଆଇସି ବିରଞ୍ଚି ସାହୁଙ୍କ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ପ୍ରମୁଖଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବର୍ଷା ସମୟରେ ପ୍ରଶାସନ ଦୋକାନ ଉଚ୍ଛେଦ କରିବା ଘଟଣା ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଶହୀଦଙ୍କ ଘରୁ ମାଟି ସଂଗ୍ରହ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଭାଜପା କର୍ମକର୍ତ୍ତା।

ବସ୍ତା(ହରିଶଙ୍କର ପାଢ଼ି)/ ରୂପସା(ବାଞ୍ଛାନିଧି ଦେ), ୯।୯

ଦିଲ୍ଲୀର କର୍ତ୍ତବ୍ୟ ପଥରେ ପ୍ରସ୍ତୁତ ହେଉଛି ‘ଅମୃତ ବାଟିକା’। ଭାରତର ପ୍ରତ୍ୟେକ ଗ୍ରାମରେ ଥିବା ଶହୀଦ ବୀର, ସ୍ୱାଧୀନତା ସଂଗ୍ରାମୀ ତଥା ପବିତ୍ର ସ୍ଥାନରୁ ମାଟି ସଂଗ୍ରହ ହୋଇ ସେହି ବାଟିକାରେ ସ୍ମୃତି ବୃକ୍ଷରୋପଣ କରାଯିବ। ସେଥିପାଇଁ ଦରଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ମଣ୍ଡଳ ସଭାପତି ବସନ୍ତ ବାରିକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୀର୍ଘ ୪ ବର୍ଷ ପରେ ଘର ବାହୁଡ଼ା କରିଥିବା ପୁରୁଖା ନେତା ଶ୍ୟାମାପ୍ରସାଦ ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଉପସ୍ଥିତ କର୍ମକର୍ତ୍ତାଙ୍କୁ ସମସ୍ତ ଦଳୀୟ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ରାସବିହାରୀ ଦାସଅଧିକାରୀ, ଅଜୟ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ପରେଶ ବେହେରା, କୃଷ୍ଣଚନ୍ଦ୍ର ଦତ୍ତ, ଯୁବମୋର୍ଚ୍ଚା ନେତା ଧୀରେନ ସେଠୀ, ଝରଣା ସାମଲ, ଗଜେନ୍ଦ୍ର ସିଂ, ଗୋକୁଳ ବେହେରା, ସୁଦର୍ଶନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ପରିବାରଙ୍କୁ ଭେଟି ମାଟି ସଂଗ୍ରହ କଲେ

### ବିଭିନ୍ନ ସ୍ଥାନରେ ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

ଚମ୍ପୁଆ(ମହେଶ୍ୱର ଦାସ)/ବଡ଼ବିଲ(ଦେବପ୍ରିୟ ରଣା)/ ଯୋଡ଼ା(ମାନସ ମହାନ୍ତି),୯।୯



ବଡ଼ବିଲରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା।

ଶହୀଦ ଯବାନଙ୍କ ବଳିଦାନ ଉଦ୍ଦେଶ୍ୟରେ ମୋ ମାଟି ମୋ ଦେଶ ଅଭିଯାନ ପରିପ୍ରେକ୍ଷୀରେ ଚମ୍ପୁଆ ବ୍ଲକ୍ ଜାମୁଦଲାକଠାରେ ଭାଜପର ରାଜ୍ୟ ସଭାପତି ମନମୋହନ ସାମଲ ଶହୀଦ ଉବର ମୁଣ୍ଡାଙ୍କ ପରିବାରଙ୍କୁ ଭେଟିଛନ୍ତି। ଏଥି ସହିତ ତାଙ୍କ ସ୍ମୃତିସ୍ତମ୍ଭ ନିକଟରୁ ଅମୃତ କଳସରେ ମାଟି ସଂଗ୍ରହ କରିଥିଲେ। ଏହି ମାଟି ଦିଲ୍ଲୀ ପଠାଯାଇ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ହେବ ବୋଲି ସାମଲ ସୂଚନା ଦେଇଥିଲେ। ରିମୁଳି, ଚମ୍ପୁଆ ଓ ଜାମୁଦଲକଠାରେ ଭାଜପା ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରଦ୍ଧାଞ୍ଜଳି କର ଅମୃତ କଳସକୁ ମୁଣ୍ଡରେ ଧରି ମାଟି ସଂଗ୍ରହ କରିଥିଲେ। ବଡ଼ବିଲର ହରିହର ମନ୍ଦିର ନିକଟ ଶହୀଦ ରତନ ପ୍ରଧାନଙ୍କ ସମାଧି ସ୍ଥଳରୁ ମାଟି ଉଠାଇଥିଲେ। ଫେରିବା ବାଟରେ ଯୋଡ଼ାଠାରେ ଭାଜପା ନେତୃବୃନ୍ଦ ତାଙ୍କୁ ସ୍ୱାଗତ କରିଥିଲେ। ଭଦ୍ରାସାହି ଛକଠାରୁ ଶୋଭାଯାତ୍ରାରେ ବଡ଼ବିଲ ଶନି ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ସାମଲ ଓ ଭାଜପା ନେତୃବୃନ୍ଦ କର୍ମୀଙ୍କ ସହିତ ଆଦିବାସୀଙ୍କ ନୃତ୍ୟଗୀତରେ ପଦଯାତ୍ରା କରି ବଡ଼ବିଲ ଟାଉନହଲଠାରେ ପହଞ୍ଚିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ମନୋହର ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ଉପସଭାପତି ସୁକେଶୀ ଓରାମ, ମହେଶ୍ୱର ସାହୁ, ରାଧାକାନ୍ତ ମହାନ୍ତ, ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ, ଡଃ. ମୁରଲୀ ମୋହନ ଶର୍ମା, ଦିଲ୍ଲୀପ ମିଶ୍ର, ଦେବ ପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୭୦୧ ମାମଲା ଫଇସଲା

ବାରିପଦା,୯।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାରିପଦାଠାରେ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୮୬୩୬ ମାମଲା ମଧ୍ୟରୁ ୧୭୦୧ଟିର ଆପୋଷ ବିଚାର ହୋଇ ୫ କୋଟି ୬୪ ଲକ୍ଷ ୪୩ ହଜାର ୯୧୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଦାଲତରେ ପ୍ରି ଲିଟିଗେଶନ ସମ୍ବନ୍ଧୀୟ ୭୧୬୨ଟି ମାମଲା ମଧ୍ୟରୁ ୬୩୩ ବ୍ୟାଙ୍କ ଋଣ ଆଦାୟ ମାମଲା, ୫ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇଥିଲା। ୩ କୋଟି ୫୩ ଲକ୍ଷ ୯୦ ହଜାର ୮୩୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୧୪୭୪ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେସ୍ ୧୦, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୨୮ ମାମଲା, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୮, ମୋଟର ଯାନ ଦୁର୍ଘଟଣା ମାମଲା ୧୯, ବୈବାହିକ ସମ୍ବନ୍ଧୀୟ ୨, ରାଜସ୍ୱ ମାମଲା ୪୭ ଓ ଅନ୍ୟାନ୍ୟ ଆପରାଧିକ ଫୌଜଦାରୀ ମାମଲା ୧୧୩ଟିକୁ ମିଶାଇ ମୋଟ ୧୦୬୩ ମାମଲାର ଫଇସଲା କରାଯାଇଛି। ମୋଟ ୨ କୋଟି ୧୦ ଲକ୍ଷ ୫୩ ହଜାର ୮୨ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀ, ଫାମିଲି କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଡ. ଦୀପକ ରଞ୍ଜନ ସାହୁ, ସିନିୟର ସିଭିଲ ଜଜ୍ ସୁଦାମ ଚରଣ ଦାସ, ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ସିଭିଲ ଜଜ୍ କୈଳାସ ସାହୁ, ବିଶ୍ୱକଳ୍ପିତା ମହାନ୍ତି, ଏସ୍‌ଡିଜେଏମ୍ ସୁବାସିନୀ ବେହେରା, ଜେଏମ୍‌ଏଫ୍‌ସି ଜଜ୍ ମିସେସ ଜରିନ ଖାନ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଲୋକଅଦାଲତରେ ଜଜ୍ ଓ ଅନ୍ୟମାନେ।

## ୨୨୬୯ ମକଦ୍ଦମାର ଆପୋସ ସମାଧାନ

ଭଦ୍ରକ, ୯।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା କୋର୍ଟ ପରିସରରେ ତୃତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ମୋଟ ୨୨୬୯ଟି ମକଦ୍ଦମାର ଆପୋସ ସମାଧାନ କରାଯାଇ ୧୪ କୋଟି ୨୧ ଲକ୍ଷ ୫୪ ହଜାର ୭୦୭ ଟଙ୍କା ଆଦାୟ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୩୮ଟି ମାମଲା, ୩୭୫ଟି ମିଳାମିଶା ଯୋଗ୍ୟ ଫୌଜଦାରୀ ମାମଲା, ୪୨ଟି ଚେକ୍ ବାଉନ୍ସ, ୫୫ଟି ବିବାହ ସମ୍ବନ୍ଧୀୟ, ୧୫୪୬ଟି ରାଜସ୍ୱ ମକଦ୍ଦମା, ୪ ଉପଭୋକ୍ତା ବିବାଦ, ୭୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ୧୫ଟି ବ୍ୟାଙ୍କ ଋଣ ସମ୍ପର୍କିତ, ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୪ଟି ମାମଲା ଆପୋସ ବୁଝାମଣା ମାଧମରେ ସମାଧାନ କରାଯାଇଛି।



ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତ।

## ୯୧୨୦ ମକଦ୍ଦମା ସମାଧାନ

କେନ୍ଦୁଝର(ଦୀପକ ମିଶ୍ର)/ ଚମ୍ପୁଆ(ମହେଶ୍ୱର ଦାସ),୯।୯

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆ ଅତିରିକ୍ତ ଜିଲା ଜଜ କୋର୍ଟ ଏବଂ ବଡ଼ବିଲ, ହାଟଡ଼ିହୀ, ତେଲକୋଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୯୧୨୦ଟି ମକଦ୍ଦମାର ସମାଧାନ କରାଯାଇ ମୋଟ ୨ କୋଟି ୨୫ ଲକ୍ଷ ୫୪ ହଜାର ୯୦୬ ଟଙ୍କା ଆଦାୟ କରାଯାଇଛି।

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ କୋର୍ଟ ପରିସରରେ ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ(ସ୍ୱତନ୍ତ୍ର ଭିଜିଲାନ୍ସ) ରଶ୍ମିତା ଦଳେଇ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ ମମତା ଦାଶ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ରେଜିଷ୍ଟ୍ରାର ସସ୍ମିତା ମିଶ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାଶ, କନିଷ୍ଠ ବିଚାରପତି ପ୍ରଥମ ଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ, ଅତିରିକ୍ତ ଜିଲା ଦ୍ୱରାଜଜ ସରୋଜ ଦାସ ପ୍ରମୁଖ ନିଜ କୋର୍ଟ ଗୁଡ଼ିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ମାମି ବେହେରା ପରିଚାଳନା କରିଥିଲେ। ଲୋକ ଅଦାଲତ ଗୁଡ଼ିକରେ ପ୍ରାକ ବ୍ୟାଙ୍କ ମକଦ୍ଦମା ୮୫, ମଟରଯାନ ଦୁର୍ଘଟଣା ୬, ପ୍ରାକ ବିଏସ୍‌ଏନ୍‌ଏଲ୍ ୧୬, ରାଜସ୍ୱ ମକଦ୍ଦମା ୮୮୪୬, ଦେୱାନୀ ମକଦ୍ଦମା ୮୮, ଫୌଜଦାରୀ ମକଦ୍ଦମା ୭୧ ଓ ପରିବାର ଅଦାଲତର ୮ଟି ମାମଲା ସମାଧାନ ହୋଇଥିଲା।



ବିଚାରପତି ଅଭିଯୋଗର ଶୁଣାଣି କରୁଛନ୍ତି।

## ରୂପସାରେ ମାତିଛନ୍ତି ମୋବାଇଲ ଲୁଟେରା

ରୂପସା,(ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ରୂପସା ସାପ୍ତାହିକ ହାଟରେ ମୋବାଇଲ ଲୁଟେରା ସକ୍ରିୟ ଥିବା ଜଣାପଡିଛି। ଶୁକ୍ରବାର ମାର୍କେଟିଂ କରୁଥିବା ବେଳେ ୨ ଯୁବକଙ୍କଠାରୁ ଦୁଇଟି ଦାମୀ ମୋବାଇଲ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ରାଉତପଡ଼ା ଗ୍ରାମର ବିଜୟ ଦେ ଓ ଓଡ଼ିଆଶାସନ ଗ୍ରାମର ଯତୀନ୍ଦ୍ର ଦାସ ପରିବା କିଣୁଥିବା ବେଳେ ସେମାନଙ୍କର ମୋବାଇଲ ଲୁଟେରା ଲୁଟି ନେଇଥିଲେ। ବାରମ୍ବାର ହାଟ, ବଜାରରୁ ମୋବାଇଲ ଚୋରି ହେଉଥିବାରୁ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଜନସାଧାରଣ ଦାବି ହୋଇଛି।



## ଆଜି କ'ଣ କେଉଁଠି

ଭଦ୍ରକ

- ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦।
- ବାସୁଦେବପୁର ଆମ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ-୨୦୨୩, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସକାଳ ୮।

## କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ୯ ଅଟକ

ଖଇରା, ୯।୯(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଲିହା ଗ୍ରାମ ନିକଟରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ୯ଜଣଙ୍କୁ ଗ୍ରାମବାସୀ ଅଟକ ରଖି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଦୁର୍ବ୍ୟବହାର କରିଥିବା ୩ଜଣ ଫେରାର ଅଛନ୍ତି। ମାଟିଆଳପଦା କଲେଜର ୩ଜଣ ଛାତ୍ରୀ କ୍ଲାସ ସାରି ଘରକୁ ଫେରୁଥିବା ବେଳେ କଲିହା ଛକରେ ୩ଜଣ ଯୁବକ ସେମାନଙ୍କ ଓଢଣି ଟାଣିବା ସହ ଦୁର୍ବ୍ୟବହାର କରିଥିଲେ। ଗ୍ରାମବାସୀ ବିରୋଧ କରିବା ପରେ ଏହି ଯୁବକମାନେ ତାଙ୍କର ୯ଜଣ ସାଙ୍ଗକୁ ଫୋନ କରି ଡାକିଥିଲେ। ସେମାନେ ପହଞ୍ଚି ଗାଁଲୋକଙ୍କ ସହ ଧସ୍ତାଧସ୍ତି ଗଣ୍ଡଗୋଳ କରିବାରୁ ଗ୍ରାମବାସୀ ଏକଜୁଟ ହୋଇ ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଦୁର୍ବ୍ୟବହାର କରିଥିବା ଯୁବକ ମାନେ ଫେରାର ହୋଇଯିବାକୁ ସମର୍ଥ ହୋଇଛନ୍ତି ।

## 'ଆମେ କେତେଜଣ' ପକ୍ଷରୁ ଡେଙ୍ଗୁ ସଚେତନତା

ଜଳେଶ୍ୱର, ୯।୯(ରବିନାରାୟଣ ପାତ୍ର)- ଜଳେଶ୍ୱର ପୌରପାଳିକାରେ ଦୀର୍ଘବର୍ଷ ଧରି ଜନସେବାରେ ବ୍ରତୀ ଥିବା 'ଆମେ କେତେଜଣ' ସଂସ୍ଥା ପକ୍ଷରୁ ଶନିବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ହାଇସ୍କୁଲ ପରିସରରେ ଆୟୋଜିତ ଶିବିରରେ ସଙ୍ଗଠନ ସଭାପତି ଦିଲୀପ କୁମାର ଗିରି ଅଧ୍ୟକ୍ଷତା କରି ଡେଙ୍ଗୁର ଭୟାବହତା ସମ୍ପର୍କରେ କହିଥିଲେ। ଏଥିରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ପ୍ରଭାସ ଚନ୍ଦ୍ର ନାୟକ ଯୋଗଦେଇ ବାଲେଶ୍ୱର ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଭୋଗରାଇ ଓ ବାଲିଆପାଳରେ ଅଣାୟତ୍ତ ହୋଇଛି । ଭୋଗରାଇରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା କହିଥିଲେ । ଏଡିସ୍ ମଶା ରୋଗର ବାହକ ହୋଇଥିବାରୁ ସଚେତନ ହେଲେ ଡେଙ୍ଗୁ ରୋଗରୁ ତ୍ରାହି ମିଳିବ ବୋଲି ସେ କହିଥିଲେ। ସନ୍ତୋଷ ଦାସ ଓ ଦିପ୍ତିମାନ ଆଚାର୍ଯ୍ୟ ଡେଙ୍ଗୁ ନିୟନ୍ତ୍ରଣ ଓ ପ୍ରତିକାର ସମ୍ପର୍କରେ କହିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘାସ ବିଷ ଖାଇ ନବମ ଶ୍ରେଣୀ ଛାତ୍ରୀ ମୃତ

ସୋର, ୯।୯(ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ସୋର ବ୍ଲକ ସରଶଂଖ ପଞ୍ଚାୟତ ବଳଦିଆ ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀ ଘାସ ବିଷ ଖାଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ୮ ଦିନ ତଳେ କୌଣସି କାରଣରୁ ଘରେ ଥିବା ଘାସ ବିଷ ଖାଇ ଦେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି।

## ଚାନ୍ଦବାଲି ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

ଚାନ୍ଦବାଲି,୯।୯(କିଶାନ ପାତ୍ର)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାନ୍ଦବାଲି ବିକାଶ ପରିଷଦର କର୍ମକର୍ତ୍ତାମାନେ ଶନିବାର ପୂର୍ବାହ୍ନରେ ସିଙ୍ଗିଟି ଉଚ୍ଚ ବିଦ୍ୟାଳୟ ଓ ଘଣ୍ଟେଶ୍ୱର ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ପରିଷଦର ସଭାପତି ବିବେକ କୁମାର ରାଉତ, ସମ୍ପାଦକ ମହେଶ୍ୱର ବଳ, କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ନାୟକ, ମହେନ୍ଦ୍ର କୁମାର ସୂତାର, ମୃତ୍ୟୁଞ୍ଜୟ ନାୟକ, ଗୌରହାରୀ ନାୟକ, ଚିନ୍ମୟ କୁମାର ସ୍ୱାଇଁ, କ୍ଷୀରୋଦ ନାୟକ, ଖଗେଶ୍ୱର ଦାସ, ସୁଶାନ୍ତ ବେହେରା, ଆଶିଷ କୁମାର ସ୍ୱାଇଁ, ନକୁଳ ମଲ୍ଲିକ ପ୍ରମୁଖ ଗଛ ଲଗାଇଥିଲେ। ବନ୍ୟା ବାତ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନଦୀ କୂଳ ସହ ବିଭିନ୍ନ ପଞ୍ଚାୟତରେ ତାଳ ଗଛ ରୋପଣ ପାଇଁ ପରିଷଦ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

# ଅଶାଳୀନ ମନ୍ତବ୍ୟରୁ ହତ୍ୟାକାଣ୍ଡ

■ଯୁବକଙ୍କ ମୃତଦେହ ଜବତ ଘଟଣା
■ଲୁହାରଡ଼ ଜବତ, ମହିଳା ଗିରଫ

ବଡ଼ବିଲ, ୯।୯(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଦାମୁହଟିଂସ୍ଥିତ ଭୂୟାଁ ସାହିରେ ଯୁବକଙ୍କ ମୃତଦେହ ଜବତ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ମୃତକ ମହେନ୍ଦ୍ର ମହାକୁଡଙ୍କ ପଡ଼ୋଶୀ ସମ୍ପର୍କୀୟା ମାଇଁଙ୍କୁ ପୋଲିସ ଗିରଫ କରିଥିବା ବେଳେ ହତ୍ୟାରେ ବ୍ୟବହୃତ ଲୁହା ରଡ଼ ଜବତ କରିଛି। ଅଶାଳୀନ ବ୍ୟବହାର ଯୋଗୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି, ଦାମୁହଟିଂ ଭୂୟାଁସାହିରେ ରହୁଥିବା ମହିଳା ମାଳତୀ କେଶରୀଙ୍କ ସ୍ୱାମୀ ବାହାର ରାଜ୍ୟରେ କାମ କରନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ମାଳତୀଙ୍କ ଘରକୁ ଯାଆସ କରୁଥିଲେ। ମାଳତୀଙ୍କୁ ମହେନ୍ଦ୍ର ମାଇଁ ବୋଲି ସମ୍ବୋଧନ କରୁଥିଲେ। ତେବେ ଗତ ଗୁରୁବାର ରାତିରେ ମହେନ୍ଦ୍ର ନିଶାସକ୍ତ ଅବସ୍ଥାରେ ମାଳତୀଙ୍କ ଘରେ ପହଞ୍ଚି ପାଣି ମାଗିବା ପରେ ଅଶାଳୀନ ବ୍ୟବହାର କରିଥିଲେ। ମାଳତୀ ଏହାକୁ ବାରଣ କରିବାରୁ ମହେନ୍ଦ୍ର ଜବରଦସ୍ତ ଘର ଭିତରେ ପଶିଯାଇଥିଲେ। ମାଳତୀ ରାଗିଯାଇ ଏକ ଲୁହା ରଡ଼ରେ ମହେନ୍ଦ୍ରଙ୍କ ମୁଣ୍ଡକୁ ପ୍ରହାର କରିବା ପରେ ଘରେ ଥିବା ଏକ ଶିଳପୁଆରେ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଘଟଣା ପର ଦିନ ମୃତକଙ୍କ ବାପା ଚିନ୍ତାମଣି ଖବର ପାଇ ମାଳତୀଙ୍କ ଘରେ ପହଞ୍ଚି ପୁଅର ମୃତଦେହ ଦେଖି ବଡବିଲ ଥାନାରେ ହତ୍ୟା ସମ୍ପର୍କୀତ ଲିଖିତ ଏତଲା ଦେଇଥିଲେ। ବଡବିଲ ଥାନାରେ ଏକ ମାମଲା( ନଂ. ୨୪୬/୨୦୨୩)ରୁଜୁ ହୋଇଛି।

## କଳା ବ୍ୟାଜ୍ ପିନ୍ଧି ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ପ୍ରତିବାଦ



କଳା ବ୍ୟାଜ୍ ପିନ୍ଧି ଶିକ୍ଷକମାନେ ପ୍ରତିବାଦ କରୁଛନ୍ତି।

ରାଇବଣିଆ, ୯।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ' ସମ୍ପୂର୍ଣ୍ଣ ସରକାରୀ ଶିକ୍ଷକ ମାନ୍ୟତା' ଦାବିରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ନିଯୁକ୍ତି ନିୟମ ଭିତ୍ତିରେ ଯେଉଁ ସମସ୍ତ ସରକାରୀ ସୁବିଧା ସୁଯୋଗ ମିଳିବା କଥା ତାହା ଦୀର୍ଘ ୭ବର୍ଷ ସୁଦ୍ଧା ମିଳିପାରିନାହିଁ। ପୂର୍ବରୁ ଉକ୍ତ ଅସୁବିଧା ବାବଦରେ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ଅଧିକାରୀ, ଶିକ୍ଷାମନ୍ତ୍ରୀ, ଜିଲାପାଳଙ୍କୁ ୨୦ ଦଫା ଦାବି ବିଷୟରେ ଅବଗତ କରାଇଥିଲେ। ଏନେଇ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଶିକ୍ଷକମାନେ ଶନିବାରଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇବେ ବୋଲି କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆସନ୍ତା ୧୭ରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଓ ଅନ୍ୟମାନେ

ପାଟଣା,୯।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବାଇଦବଜା ଯାତ୍ରା ପେଣ୍ଡେଲରେ ଶନିବାର ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଅଭିଯୋଗ ଶୁଣାଣି କରିଛନ୍ତି। ଶୁଣାଣିରେ ମୋଟ ୪୫ଟି ଅଭିଯୋଗ ଆଗତ ହୋଇଥିଲା। ହୋ ସମ୍ପ୍ରଦାୟ ବହୁଳ ଦାମାହୁଡା ଗ୍ରାମର ପ୍ରମୁଖ ସମସ୍ୟା ମଧ୍ୟରେ ପଟ୍ଟା ଭୁକ୍ତ ଜମିରେ ଧର୍ମାନୁଷ୍ଠାନ ନିର୍ମାଣ, ରାସନ କାର୍ଡ ନ ମିଳିବା, ଗାଁକୁ ପକ୍କା ରାସ୍ତା ନ ଥିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାରୁ ବଞ୍ଚିତ, ପାନୀୟ ଜଳ ଓ ପୁଷ୍କରଣୀ ଭଳି ମୌଳିକ ସମସ୍ୟା ସମ୍ବନ୍ଧିତ ଅଭିଯୋଗ ଆସିଥିଲା। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ପ୍ରହଲ୍ଲାଦ ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆରଆଇ ମଳୟ ନାୟକ, ଫରେଷ୍ଟ ଗାର୍ଡ ଦେବଜାନୀ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କମିଶନ ଅନନ୍ତ ନାୟକ ଅଭିଯୋଗ ଗୁଡ଼ିର ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ହୋ ଭାଷା ଦିବସ ପାଇଁ ପ୍ରସ୍ତୁତି

ରାଇରଙ୍ଗପୁର,୯।୯(ନି.ପ୍ର)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌରପାଳିକାର ଇନ୍ଦିରା ଗାନ୍ଧି ଶିଶୁ ଉଦ୍ୟାନ ପରିସରରେ ହୋ ସମାଜର ବୁଦ୍ଧିଜୀବୀ, ସାମାଜିକ କର୍ମୀମାନଙ୍କର ମିଳିତ ଆନୁକୂଲ୍ୟରେ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଜିଲା ଯୁଗ୍ମ ସମ୍ପାଦକ ବାବୁଲୁ ପୂର୍ତ୍ତିଙ୍କ ଆବାହକତ୍ୱରେ ବୈଠକରେ ବିଭିନ୍ନ ସାମାଜିକ ସଂଗଠନ ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟି, ସିଦାହରା ସୁସାର ଆକଳା, ହୋ ଗାଲାଂ, ଆଦିବାସୀ ହୋ ସମାଜ ମହାସଭା, ହୋ ସମାଜ ମାର୍ଶାଲ ଆକାଳା, ରଘୁବୀର ହୋ ଆକାଳା, ହୋ ସମାଜ ସମନ୍ୱୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ହୋ ଭାଷାକୁ ସରକାରୀ ମାନ୍ୟତା ଏବଂ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦିଆଯିବାରେ ବିଳମ୍ବ କରାଯାଉଥିବା ଯୋଗୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ହୋ ଭାଷା ମାନ୍ୟତା ପ୍ରସଙ୍ଗରେ ବାମନଘାଟୀ ଉପଖଣ୍ଡସ୍ତରୀୟ ଶକ୍ତି ପ୍ରଦର୍ଶନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସେପ୍ଟେମ୍ବର ୧୯ରେ ୱାରାଂଚିତି ଲିପିର ପ୍ରବର୍ତ୍ତକ ଗୁରୁ ଲାକୋ ବଦ୍ରାଙ୍କ ଜୟନ୍ତୀକୁ 'ହୋ ଭାଷା ଦିବସ' ରୂପେ ପାଳନ ନିମନ୍ତେ ବୈଠକରେ ସ୍ଥିର ହୋଇଥିବା ଜଣାପଡ଼ିଛି। ଉକ୍ତ ଦିନ ହୋ ଭାଷାର ସ୍ୱୀକୃତି ଦାବିରେ ହୋ ସମାଜର ଏକ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ବିର୍ସା କଣ୍ଡାଂକେଲ ସୂଚନା ଦେଇଛନ୍ତି। ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟ ଜଲେନ୍ ବାର୍ଦା, ସିଦାହରା ସୁସାର ଆକାଳା ବାମନଘାଟୀ ଶାଖାର ସଭାପତି ପଦ୍ମଚରଣ ବାନାରା, ହୋ ଗାଲାଂ କେନ୍ଦ୍ରୀୟ ସଭାପତି ଗଙ୍ଗାଧର ହେମ୍ବ୍ରମ, ବାମନଘାଟୀ କୋଲ୍ହ ଓ ସାନ୍ତାଳ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ଅନୀଲ କୁମାର ବିରୁଆ, ରଘୁବୀର ହୋ ଆକାଳାର ରାମସିଂ କଣ୍ଡାଂକେଲ ଓ ବିଜୟ କଣ୍ଡାଂକେଲ, ଆଇନ୍‌ଜୀବି ଟିକୁନ୍ ଜେରାଇ, ହୋ ସମାଜ ସମନ୍ୱୟ ସମିତିର ସାନଙ୍ଗୀ ଜଙ୍କ ଓ ଲବ ପୂର୍ତ୍ତି, ସାମାଜିକକର୍ମୀ ମେଘନାଦ ହେମ୍ବ୍ରମ, ବିଜୟ କୁମାର ମୁନ୍ଦୁଇୟା, ସିଦିଉ ଲେୟାଙ୍ଗି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସୁରକ୍ଷା ଦାବିରେ ଏସ୍‌ପି ଅଫିସ ଆଗରେ ଧାରଣା

ଭଦ୍ରକ,୯।୯ (ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ସୁଗୋ ପଞ୍ଚାୟତ କାଞ୍ଜିଖିଆ ଗ୍ରାମର ଏକ ପରିବାର ସୁରକ୍ଷା ଦାବିରେ ଶନିବାର ଏସ୍‌ପିଙ୍କ ଅଫିସ୍ ଆଗରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। ଉକ୍ତ ଗ୍ରାମର ସୁଧାକର ବାରିକଙ୍କ ପରିବାରକୁ ବାରମ୍ବାର ନିର୍ଯାତନା ଦିଆଯିବା ସହ ତାଙ୍କୁ ମିଛ କେସ୍‌ରେ ଫସାଇ ଦିଆଯାଇଥିବା ତାଙ୍କ ଝିଅ ଲିପିକା ଅଭିଯୋଗ କରିଛନ୍ତି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ତାଙ୍କ ବାପାଙ୍କ ନାମରେ ବାସୁଦେବପୁର ଥାନାରେ ମାମଲା (ନଂ.୪୯୦/୨୩) ରୁଜୁ କରାଯାଇଛି। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ବିବାଦୀୟ ଜମିରେ ସ୍ଥିତାବସ୍ଥା ଜାରି କରାଯାଇଛି। ଅପରପକ୍ଷ ଜଣେ କ୍ଷମତାଶାଳୀ ରାଜନେତା ତଥା ପୂର୍ବତନ ବିଧାୟକଙ୍କ ଛତ୍ରଛାୟାରେ ରହି ତାଙ୍କ ପରିବାରକୁ ବାରମ୍ବାର ଆକ୍ରମଣ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଲିପିକାଙ୍କ ସମେତ ତାଙ୍କ ଜେଜେବାପା ରମେଶ ବାରିକ, ଜୟନ୍ତୀ ବାରିକ, ସିପିକା ବାରିକ, ଦୀପିକା ବାରିକ ପ୍ରମୁଖ ପରିବାରବର୍ଗ ଧାରଣାରେ ବସିଥିଲେ। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଶ୍ରମିକଙ୍କ ପ୍ରାପ୍ୟ ହଡ଼ପ ଅଭିଯୋଗ

କେନ୍ଦୁଝର କେନ୍ଦୁପତ୍ର ଡିଭିଜନ

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କେନ୍ଦୁପତ୍ର ଡିଭିଜନରେ ଶ୍ରମିକଙ୍କ ହକର ପ୍ରାପ୍ୟ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବା ପାଇଁ କେନ୍ଦୁପତ୍ର ଶ୍ରମିକ ସଂଘ ପକ୍ଷରୁ ପିସିସିଏଫଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କିମ୍ବା ହଡ଼ପ ଅର୍ଥ ଶ୍ରମିକଙ୍କୁ ଫେରସ୍ତ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ନ୍ୟାୟ ନ ମିଳେ ତେବେ ସଂଘ ପକ୍ଷରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, କେନ୍ଦୁଝରର ୨୮ ହଜାର କେନ୍ଦୁପତ୍ର ତୋଳାଳି ଓ ଶ୍ରମିକ, ୪୩୫ ଜଣ ମୁନସୀ ଓ ଅନ୍ୟମାନେ ଉପକୃତ ହେଉଛନ୍ତି। ତେବେ ସେମାନଙ୍କ ପ୍ରାପ୍ୟକୁ ଦୀର୍ଘ ବର୍ଷ ହେଲା ବିଭିନ୍ନ ଉପାୟରେ ହଡ଼ପ ହେଉଥିବାରୁ ଅନେକ ସମୟରେ ସଂଘ ପକ୍ଷରୁ ସ୍ୱର ଉତ୍ତୋଳନ ହୋଇଆସୁଛି। ସଂଘ ଅଭିଯୋଗ ଅନୁଯାୟୀ, କେନ୍ଦୁପତ୍ର ଶୁଖାଇବା ଓ ସାଇତିବା ବାବଦକୁ ୧୦୦୦ କେରୀ ପିଛା ୧୦୫.୪୩ ଟଙ୍କା ଚଳିତ ବର୍ଷ ସରକାର ଧାର୍ଯ୍ୟ କରିଥିବା ବେଳେ ମୁନସୀମାନଙ୍କୁ ୫୫ ଟଙ୍କା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ଶୁଖାରଖା କାମରେ ନିୟୋଜିତ ଶ୍ରମିକଙ୍କୁ ପ୍ରଦାନ କରାଯାଇଥାଏ। ତେବେ ପିସିସିଏଫ ଅଫିସରୁ ଆସୁଥିବା ଚିଠିରେ ଉଲ୍ଲେଖ ସରକାରୀ ମୂଲ୍ୟ ଜଣାଯାଉ ନ ଥିବାରୁ ଶ୍ରମିକମାନେ ପ୍ରକୃତ ମୂଲ୍ୟ ଜାଣିପାରୁନାହାନ୍ତି। ସାଧା କାଗଜରେ ରେଭେନ୍ୟୁ ଷ୍ଟାମ୍ପ ଲଗାଇ ଦସ୍ତଖତ ନେଇ କମ ମଜୁରି ପ୍ରଦାନ ହେଉଥିବା ଡିଭିଜନ ସଂଘ ସମ୍ପାଦକ ସଞ୍ଜୟ ଚୌଧୁରୀ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଫରେଷ୍ଟରମାନେ ମଜୁରି ବଣ୍ଟନ ନ କରି ସିଜନାଲ ସର୍କଲ ଚେକରମାନଙ୍କ ଜରିଆରେ ଟଙ୍କା ବାଣ୍ଟୁଛନ୍ତି। ଫଳରେ ଶ୍ରମିକମାନେ ଜାଣିପାରୁନାହାନ୍ତି କିମ୍ବା ପ୍ରତିବାଦ କରିପାରୁନାହାନ୍ତି। ଏହି ହିସାବରେ ପାଖାପାଖି ୩୫ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଆକଳନ କରାଯାଉଛି। ଯାହାକି ତଦନ୍ତ ହେଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ଚୌଧୁରୀ ଦାବି କରିଛନ୍ତି। ସେହିପରି ଗତ ବର୍ଷ ଏହି ଶୁଖାରଖା ବାବଦକୁ ୯୮ ଟଙ୍କା ପ୍ରତି ୧୦୦୦ କେରୀ ବାବଦକୁ ଆସିଥିବା ବେଳେ ୫୨ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମୁନସୀ ଓ ଅନ୍ୟ କର୍ମଚାରୀମାନେ ମାତ୍ର ୮ ମାସ ପାଇଁ କାର୍ଯ୍ୟ କରିଥାନ୍ତି। ଏଣୁ ଭୟରେ ବିରୋଧ କରିପାରୁନାହାନ୍ତି। ଏ ନେଇ ଅତିରିକ୍ତ ବନ ସଂରକ୍ଷକ ସସ୍ମିତ ପଣ୍ଡା କହିଛନ୍ତି, ସେଭଳି କୌଣସି ଅଭିଯୋଗ ଶ୍ରମିକ କିମ୍ବା ସଂଘ ପକ୍ଷରୁ ମିଳିନାହିଁ। ଆସିଲେ ନିଶ୍ଚୟ ଭାବରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କାଳିମେଘା ମେଳଣ ପଡ଼ିଆର ହେବ ଉନ୍ନତୀକରଣ



ଶିଳାନ୍ୟାସ ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ଅନ୍ୟମାନେ।

ତିହିଡ଼ି,୯।୯(ସଙ୍ଗୀତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତସ୍ଥିତ ଐତିହାସିକ କାଳିମେଘା ମେଳଣ ପଡ଼ିଆର ଉନ୍ନତୀକରଣ ପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ମେଳଣ ପଡ଼ିଆର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତାରେ ୧୦ଲକ୍ଷ ଟଙ୍କା ବିନିଯୋଗ ହେବ ବୋଲି ଜଣାଯାଇଛି। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ଜିଲା ଉପସଭାପତି ସୁରେନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ପଞ୍ଚାୟତ ସଭାପତି ଗଣେଶ ପ୍ରସାଦ ନାୟକ, ସରପଞ୍ଚ ସତ୍ୟବ୍ରତ ନାୟକ, ପୂର୍ବତନ ସରପଞ୍ଚ ବସନ୍ତ ପତି ଓ କୀର୍ତ୍ତନ ରାଉତ, କନିଷ୍ଠ ଯନ୍ତ୍ରୀ ଭରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମପଦ ଗ୍ରହାଚାର୍ଯ୍ୟ, ରମାକାନ୍ତ ସେଠୀ, ସୁଧାଂଶୁ ମହାଳିକ, ସହଦେବ ଦଳାଇ, ସୁଜିତ ପ୍ରଧାନ, ଧର୍ମାନନ୍ଦ ବେହେରା, ବିଭୂତି ଭୂଷଣ ପାଟ ପ୍ରମୁଖ ଉପସ୍ଥିତ ଥିଲେ।

# ଚଲାଇ ଚଲାଇ ନେବା ବେଳେ ୧୨ ଗୋରୁ ଉଦ୍ଧାର, ୪ ଅଟକ

ଖଇରା, ୯।୯(ଉତ୍କଳବନ୍ଧୁ ପଣ୍ଡା)

ସୋର-କୁପାରୀ ରାସ୍ତାରେ ବେଆଇନ ଭାବେ ଗୋରୁଗୁଡିକୁ ଚଲାଇ ଚଲାଇ ନେବା ବେଳେ ଖଇରା ପୋଲିସ ୧୨ଗୋରୁ ଉଦ୍ଧାର କରି ମଇତାପୁର ଗୋଶାଳାକୁ ସ୍ଥାନାନ୍ତର କରିଛନ୍ତି। ଶନିବାର ଦିନଦ୍ୱିପ୍ରହରରେ ଗୋରୁଗୁଡିକୁ ଏଭଳି ଅମାନୁଷିକ ଭାବେ ଚଲାଇ ଚଲାଇ ନେବା ବେଳେ ଲୋକେ ଦେଖି ଖଇରା ପୋଲିସକୁ ଖବର ଦେଇଥିଲେ। ପୋଲିସ ୪ଜଣଙ୍କୁ ଅଟକ ରଖିଛି । ଅଟକ ଗୋରୁ ବ୍ୟବସାୟୀଙ୍କୁ ଥାନାରୁ ଛାଡିଦେବା ପାଇଁ ଗୋରୁ ବ୍ୟବସାୟୀ ଓ ଖଇରା ପୋଲିସ ମଧ୍ୟରେ ଭିତିରି କଥାବାର୍ତ୍ତାକୁ ନେଇ ଖଇରା ବଜାରରେ ଉତ୍ତେଜନା ଦେଖାଦେଇଛି।

## 'ସଂସ୍କୃତ ସମସ୍ତ ଭାଷାର ଜନନୀ'

ବାଲେଶ୍ୱର, ୯।୯(ମାନସ ବିଶ୍ୱାଳ)

ବାଲେଶ୍ୱର କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରାଙ୍ଗଣରେ ଶନିବାର ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏହି ଅଧିବେଶନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବଙ୍ଗନା ଓ ବିଭାଗ ମୁଖ୍ୟା ସସ୍ମିତା ସେଠୀ ଉପସ୍ଥିତ ରହି ସଂସ୍କୃତ ଭାଷାର ମହନୀୟତା ଓ ସଂସ୍କୃତ ସମସ୍ତ ଭାଷାର ଜନନୀ ବୋଲି ଉପସ୍ଥାପନା କରିଥିଲେ। ଡ. ନିର୍ମଳ ଚନ୍ଦ୍ର ପଣ୍ଡା ଦିବସର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅନସୂୟା ପ୍ରଧାନ, ବନ୍ଦନା ସ୍ୱାଇଁ, ରାଜଲକ୍ଷ୍ମୀ କର, ସୁଲଗ୍ନା ଲେଙ୍କା ଓ ହେମାଙ୍ଗିନୀ ମହାନ୍ତି ଉପସ୍ଥିତ ଥିଲେ। ଛାତ୍ରୀ ଓ ଅଧ୍ୟାପକଙ୍କ ଦ୍ୱାରା ସଂସ୍କୃତ ଦିବସ ଉପଲକ୍ଷେ 'ରୁଦ୍ରାଭିଷେକ'ର ଆୟୋଜନ କରାଯାଇଥିଲା।





ସଂସ୍କୃତ ଦିବସ ପାଳନ।

# ଭୋଗରାଇରେ କୃଷକ ଗର୍ଜନ

ଭୋଗରାଇ, ୯।୯(ପ୍ରଦୀପ ଦାସ)

୧୦ଦଫା ଦାବି ନେଇ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଭାଜପା କୃଷକ ମୋର୍ଚ୍ଚା ଶୁକ୍ରବାର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଭାଜପା କାର୍ଯ୍ୟାଳୟରେ କୃଷକ ସମାବେଶ ସହିତ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ମାରଣନୀତି ବିରୋଧରେ ୫ଶହରୁ ଊର୍ଦ୍ଧ୍ୱ କୃଷକ ଗର୍ଜନ କରିଛନ୍ତି। ଏଥିସହିତ ଭୋଗରାଇର ୬ଟି ଜୋନ୍‌ର ନୂଆ ସଭାପତି ଭାବେ ଭାଜପା ଦଳର ୬ ଜଣଙ୍କୁ ମନୋନୀତ କରି ଆଗାମୀ ଆନ୍ଦୋଳନ କାର୍ଯ୍ୟକ୍ରମ ନିଷ୍ପତ୍ତି ନେଇଛନ୍ତି। କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭାଜପା ନେତା ଶକ୍ତିପଦ ପାଣ୍ଡେ ଓ ଜିଲା ଉପସଭାପତି କୌଶିକ ଚାନ୍ଦ ରାଜ୍ୟ ନେତାଙ୍କ ଅନୁମୋଦନକ୍ରମେ ମନୋନୀତ ହୋଇଥିବାରୁ ନେତାମାନେ ଉତ୍ସାହିତ ହୋଇ ମିଳିତ ହୋଇଥିବାରୁ ନୂଆ ନେତାମାନେ ଶଙ୍କିତ ହୋଇପଡ଼ିଥିବା ଦଳୀୟ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ୩୦ ନଂ. ଜୋନ୍‌ରେ ମନ୍ମଥ ଜେନା, ୩୧ ନଂ.ରେ ନୀଳକଣ୍ଠ ଘୋଷ, ୩୨ ନଂ.ରେ ପ୍ରଦୀପ କୁମାର ଦେ, ୩୩ ନଂ.ରେ ବନମାଳୀ ଦାସ, ୩୪ ନଂ.ରେ ରତନ କୁମାର ରାଉଳ, ୩୫ ନଂ.ରେ ଶ୍ରୀପତି କୁମାର ସାହୁ ନୂତନ ଭାବେ କୃଷକ ମୋର୍ଚ୍ଚାରେ ସାମିଲ ହୋଇଥିବାରୁ ପ୍ରବୀଣଙ୍କ ଶକ୍ତି ବୃଦ୍ଧି ହୋଇଛି। କୃଷକ ମୋର୍ଚ୍ଚାର ଜିଲା ସଭାପତି କୈଳାସ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଜିଲା ସମ୍ପାଦକ ସୁନୀଲ କୁମାର କର, କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ବେହେରା, ସମ୍ପାଦକ ପିଣ୍ଟୁ ପଣ୍ଡା, ମଣ୍ଡଳ ସଭାପତି ଅମଳେନ୍ଦୁ ଦାସ, ରାଜ କୁମାର ଦାସ, ରବୀନ୍ଦ୍ର ଜେନା, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଅଜିତ ଚାନ୍ଦ, ଉପସଭାପତି ସୂର୍ଯ୍ୟ ନାରାୟଣ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ପଣ୍ଡା ପ୍ରମୁଖଙ୍କ ସହ ୫୦ ପଞ୍ଚାୟତର ଛାମୁଆ କୃଷକ ନେତାମାନେ ସାମିଲ ଥିଲେ।





ଭୋଗରାଇ ଭାଜପା କାର୍ଯ୍ୟାଳୟରେ କୃଷକ ମୋର୍ଚ୍ଚାର ସମାବେଶ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ସେପ୍ଟେମ୍ବର ୨୦୨୩

## ଶାଳକାଠ ବୋଝେଇ ପିକ୍‌ଅପ୍ ଜବତ

**ବେତନଟୀ,(ଧରଣୀଧର ମହାନ୍ତି):** ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ କାର୍ଯ୍ୟାଳୟ ଅଧୀନ ଗଡ଼ଦେଉଳିଆ ଟୁଲ ଗେଟ୍ ନିକଟରେ ଶନିବାର ଭୋର ସକାଳୁ ଶାଳକାଠ ବୋଝେଇ ପିକଅପ ବେତନଟୀ ବନ ବିଭାଗ ଜବତ କରିଛି। ପିକ୍‌ଅପ୍‌ରେ ୨୨ ଶାଳ ଗଣ୍ଡି ଥିଲା। ଚଢ଼ାଉ ସମୟରେ ବେତନଟୀ ରେଞ୍ଜ ଅଧିକାରୀ ମନୋହର ଖାଁ, କେଶିପୁର ଫରେଷ୍ଟର ଚିନ୍ତାମଣି ମହାପାତ୍ର ପ୍ରମୁଖ ସାମିଲ ଥିଲେ।



### ସଂକ୍ଷେପରେ

## ସରୋଜ ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ

ଭଦ୍ରକ,୯।୯ (ସନାତନ ରାଉତ)- ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତରାଇ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ପୂର୍ଣ୍ଣାଙ୍ଗ କମିଟି ଗଠନ କରିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନାଲଗରା ଗ୍ରାମର ସରୋଜ କୁମାର ଜେନାଙ୍କୁ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ଏହି କମିଟିରେ ନିଯୁକ୍ତି ମିଳିଛି। ସେ ଦୀର୍ଘବର୍ଷ ଧରି ପାର୍ଟିରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ସେ ଅନୁସୂଚିତ ଜାତି ମୋର୍ଚ୍ଚାର ଭଦ୍ରକ ଜିଲା ଉପସଭାପତି ଥିଲେ। ତାଙ୍କୁ ରାଜ୍ୟ ସମ୍ପାଦକ କରିଥିବାରୁ ଭାଜପାର ରାଜ୍ୟ ସଭାପତି ସାମଲ, ମୋର୍ଚ୍ଚା ସଭାପତି ତରାଇ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଜିଲାରେ ମୋର୍ଚ୍ଚାକୁ ସଶକ୍ତ କରିବେ ବୋଲି ସେ କହିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ଅକାଳ ବିୟୋଗରେ ଶୋକ

ନୀଳଗିରି, ୯।୯(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ପାତ୍ର(୪୮)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ଜଣେ ମେଳାପି ପ୍ରକୃତିର ଲୋକ ଥିବାରୁ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସଜନାଗଡ଼ ପଞ୍ଚାୟତ ନୂଆସାହି ଗ୍ରାମର ଗଜେନ୍ଦ୍ର ପାତ୍ରଙ୍କ ଏକମାତ୍ର ପୁଅ ରମାକାନ୍ତ ଜଣେ ଆଦର୍ଶ ଶିକ୍ଷକ ଭାବେ ବ୍ଲକରେ ପରିଚିତ ଥିଲେ। ଗତ ସପ୍ତାହ ପୂର୍ବରୁ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାଲେଶ୍ୱର ହସ୍ପିଟାଲ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନେଇ ଚିକିତ୍ସା କରାଯାଉଥିଲା। ବ୍ରେନ୍ ଟ୍ୟୁମର ସହ ହୃଦ୍‌ରୋଗରେ ପୀଡ଼ିତ ଥିବା ବେଳେ ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାରରେ ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ପିତା, ସ୍ତ୍ରୀ ଓ ୫ମ ଶ୍ରେଣୀରେ ପଢୁଥିବା ଏକମାତ୍ର ଝିଅ ଅସହାୟ ହୋଇପଡିଛନ୍ତି। ତାଙ୍କ ମରଶରୀର ନିକଟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ବ୍ଲକ୍‌ର ବହୁ ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ।

## ୧୨କୁ ନେଇ କଳ୍ପନା ଜଳ୍ପନା

### ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର, ୯।୯ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଆଉ କେତୋଟି ଦିନ ରହିଲା। ଏହା ମଧ୍ୟରେ ହାଇକୋର୍ଟଙ୍କ ଏକ ନିର୍ବାଚନ ସଂକ୍ରାନ୍ତିୟ ଶୁଣାଣି ଆସନ୍ତା ୧୨ ତାରିଖକୁ ଘୁଞ୍ଚିଥିବାରୁ ନିର୍ବାଚନକୁ ନେଇ ନା ନା କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ଫଳରେ ଆସନ୍ତା ୨୪ରେ ନିର୍ବାଚନ ହେବାକୁ ଥିବା ବେଳେ ଅଦ୍ୟାବଧି ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ଘୋଷଣା ହୋଇନାହିଁ। ଠିକ୍ ସମୟରେ ନିର୍ବାଚନ ନ ହେବା, ବହୁ ବାଦ ବିବାଦ ପରେ ନିର୍ବାଚନ ହେବାକୁ ଥିବାରୁ ଟ୍ରକ୍ ମାଲିକମାନେ ନିର୍ବାଚନକୁ ଚାତୁର ଭାବରେ ଚାହିଁ ରହିଛନ୍ତି। ଟ୍ରକ୍ ଲୋଡିଂ ସମସ୍ୟା, ଟୋକନ କଳାବଜାରୀ, ଜଣେ ଜଣେ କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଲୋଡିଂ ପାଇଥିବା ବେଳେ ଅନେକ ଲୋଡିଂ ନ ପାଇ ଚିନ୍ତାଗ୍ରସ୍ତ ହୋଇ ଟ୍ରକ୍ ବିକିବା ଭଳି ପରିସ୍ଥିତି ଚଳିତ ନିର୍ବାଚନ ପାଇଁ ପ୍ରମୁଖ ମୁଦ୍ଦା ହେବ ବୋଲି ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘରେ ପାଖାପାଖି ୬ ହଜାର ସଦସ୍ୟ ରହିଥିବା ବେଳେ ବିଶେଷ କରି ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଖଣି ଉପରେ ସଂଘର ସଦସ୍ୟମାନେ ନିର୍ଭରଶୀଳ। ଏହା ଏକ ବିତଶାଳୀ ସଂଘ ଭାବେ ମଧ୍ୟ ଜଣାଶୁଣା।

# ସହରର ସୌନ୍ଦର୍ଯ୍ୟ ବିଗାଡୁଛି ବେଆଇନ ହୋର୍ଡିଂ

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)



ରାସ୍ତାକଡ଼ରେ ଲାଗିଥିବା ବେଆଇନ ହୋର୍ଡିଂ।

- ନୋଟିସ ପରେ ବି ହଟାଯାଉନି
- ପୌରପାଳିକାର ରାଜସ୍ୱ ହାନି ହେଉଛି

କେନ୍ଦୁଝରଗଡ଼ ଜିଲା ମୁଖ୍ୟାଳୟ ପ୍ରମୁଖ ସ୍ଥାନରେ ମାଳ ମାଳ ବେଆଇନ ହୋର୍ଡିଂ ଲଗାଯାଇଛି। ହୋର୍ଡିଂ ଆଢୁଆଳରେ ସହରର ସୌନ୍ଦର୍ଯ୍ୟ ହ୍ରାସ ପାଉଛି। ଏହାଦ୍ୱାରା ପୌରପାଳିକାର ବ୍ୟାପକ ରାଜସ୍ୱହାନି ଘଟିବା ସହ ଦୁର୍ଘଟଣାର କାରଣ ମଧ୍ୟ ସାଜୁଛି। ପୌରପାଳିକାର କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପ୍ରୋତ୍ସାହନରେ ଏଭଳି ବେଆଇନ ହୋର୍ଡିଂ ରାସ୍ତାଘାଟ, ଘର ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ଲାଗୁଥିଲେ ହେଁ ଧରପଗଡ଼ ହେଉନାହିଁ। ଏବେ ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଚାଲିଥିବାରୁ ସବୁଆଡ଼େ ହୋର୍ଡିଂ ଛାଇଯାଇଥିବା ବେଳେ ଏ ନେଇ ପୌରପାଳିକା ଲୋକଦେଖାଣିଆ ନୋଟିସ କରି ଚୁପ୍ ବସିଯାଇଛି। ପ୍ରକାଶ ଯେ, ପୌରପାଳିକାର ଚିଠି (ନ. ୭୨୬୮/୪-୯-୨୩)ରେ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତରେ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ସଭାପତିଙ୍କୁ ଚିଠି କରାଯାଇ ହୋର୍ଡିଂ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ସଭାପତି କେହି ନାହାନ୍ତି। ପରାମର୍ଶଦାତା କମିଟି ନିର୍ବାଚନ ପରିଚାଳନା କରୁଛନ୍ତି। ଏଣୁ ଏଭଳି ଚିଠିକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଛି। ସେହିପରି କେବେ ସୁଦ୍ଧା ହୋର୍ଡିଂ ଉଠାଇବେ ବା ନ ଉଠାଇଲେ ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ଉଲ୍ଲେଖ ନାହିଁ। ଫଳରେ ଚିଠିର ୨ ଦିନ ପରେ ମଧ୍ୟ ହୋର୍ଡିଂ ଉଠାଯାଇନାହିଁ। ବିଶେଷକରି ଜିଲାପାଳ କାର୍ଯ୍ୟାଳୟ ଛକ, ଲାବଣ୍ୟ ଛକ, ଗାନ୍ଧୀ ଛକ ଆଦି ଛକରେ ବେଆଇନ ହୋର୍ଡିଂ ଲାଗୁଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ଏବଂ ବଡ଼ବଡ଼ କୋଠାଘର ଉପରେ ମଧ୍ୟ ଲଗାଯାଉଛି। ନୂଆବର୍ଷ, ପୂଜାପାର୍ବଣ ଆସିଲେ, ପରୀକ୍ଷା ଫଳ ପ୍ରକାଶ ସମୟରେ ବିଭିନ୍ନ ବ୍ୟକ୍ତି ବିଶେଷ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ସଂସ୍ଥାଗୁଡ଼ିକର ହୋର୍ଡିଂ ଲାଗିଥାଏ। ଅନେକ ସମୟରେ ବର୍ଷା ପବନରେ ସେସବୁ ଭାଙ୍ଗି, ଚିରି ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର, ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଉପରେ ପଡୁଛି। ପୌର ପ୍ରଶାସନ ମଝିରେ ମଝିରେ ଦାୟିତ୍ୱ ଶେଷ କରିବାକୁ ନୋଟିସ ବା ବିଜ୍ଞପ୍ତି ପ୍ରକାଶ ହେଉଛି। ନିଜ ଖର୍ଚ୍ଚରେ ସେସବୁ ଭାଙ୍ଗୁଛନ୍ତି ବା ଚିରୁଛନ୍ତି ବୋଲି ପ୍ରଦୀପ ମହାନ୍ତି କହିଛନ୍ତି। ଏଥିସହ ଅଧିକ ଚାପ ପଡ଼ିଲେ ନୋଟିସ କରି ଚୁପ୍ ବସୁଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। ବିନା ଅନୁମତିରେ ଏହା ଲାଗୁଥିଲେ ବି ପୌର ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

# କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯିବ ଦୋକାନ ଗୃହ



ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ବ୍ୟବସାୟୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଭଣ୍ଡାରିପୋଖରୀ, ୯।୯(ରବିନାରାୟଣ ଖିଲାର)

**ମଞ୍ଜୁରୀରୋଡ଼ ବଜାର ଉଚ୍ଛେଦ ଘଟଣା**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଛଟାବରଠାରୁ ନିଳୋକ ଯାଏ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରୁ ପୂର୍ତ୍ତ ବିଭାଗ ହାତକୁ ଆସିଥିବା ଉକ୍ତ ରାସ୍ତାଟି ଦୁଇଥାକିଆ ନିର୍ମାଣ ହେଉଛି। ଏହି ପରିପ୍ରେକ୍ଷୀରେ ମଞ୍ଜୁରୀରୋଡ଼ଠାରେ ରାସ୍ତାରୁ ଦୋକାନ ବଜାର ଉଚ୍ଛେଦ କରାଯାଇଥିଲା। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ନିର୍ଦ୍ଦେଶକ୍ରମେ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଶନିବାର କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଭେଟିଛନ୍ତି। ମଞ୍ଜୁରୀରୋଡ଼ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ବଜାର କମିଟି ସଭାପତି, ସମ୍ପାଦକ ଓ ସମସ୍ତ ବ୍ୟବସାୟୀଙ୍କ ସହ ସେ ଆଲୋଚନା କରି ଥଇଥାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆର୍‌ଏମ୍‌ସି ପକ୍ଷରୁ ବଜାର ସଂଲଗ୍ନ ସ୍ଥାନରେ ଯଥାଶୀଘ୍ର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସହ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ପ୍ରଶାସନ ଯଥାଶୀଘ୍ର ସ୍ଥାନ ଚିହ୍ନଟ କରିବା ପରେ ଆର୍‌ଏମ୍‌ସି ପକ୍ଷରୁ ଦୋକାନ ଗୃହ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି। ମଞ୍ଜୁରୀରୋଡ଼ ବଜାରକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା, ଗମନାଗମନ ପଥ ସୁଗମ କରିବା ଓ ବ୍ୟବସାୟୀମାନଙ୍କୁ ଠିକ୍ ଥଇଥାନ ଯୋଗାଇଦେବା ପ୍ରଥମ ଲକ୍ଷ୍ୟ ହେବ ବୋଲି ବିଧାୟକଙ୍କ ପ୍ରତିନିଧି କହିଥିଲେ। ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଦେବଦତ୍ତ ଦାସ, ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ନାଆମୀ, ରାଜେନ୍ଦ୍ରପୁର, ବନ୍ଧାଲୋ-ମଢ଼ିଆଳି, ତେସିଙ୍ଗା ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଏଆଇଏସ୍‌ଏଫ୍‌ର କାର୍ଯ୍ୟକାରୀ କମିଟି ଗଠିତ

ବନ୍ତ,୯।୯(ହରିନାରାୟଣ ମହାନ୍ତି)

ଅଖିଳ ଭାରତ ଛାତ୍ର ସଂଘ(ଏଆଇଏସ୍‌ଏଫ୍)ର ବନ୍ତ କଲେଜ ଶାଖାର ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ର ସଂଘର ୧୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଆଶିଷ ଦାସ, ଉପସଭାପତି ଗୋପୀନାଥ ମୁଖି, ସମ୍ପାଦିକା ବୈଶାଖୀ ବାରିକ, ଯୁଗ୍ମ ସମ୍ପାଦିକା ପଦ୍ମାବତୀ ନାୟକ, ସମ୍ପାଦକ ସୁଜିତ୍ ଜେନା ଏବଂ କୋଷାଧ୍ୟକ୍ଷ ଭାବେ ସଂଗ୍ରାମ ନାୟକ ନିର୍ବାଚିତ ହୋଇଥିଲେ। ଅବିଭକ୍ତ ବାଲେଶ୍ୱର ଜିଲାର ପ୍ରାକ୍ତନ ଛାତ୍ର ନେତା ତଥା ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ଛାତ୍ର ସଂଘର ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା ଯୋଗଦେଇଥିଲେ। ଅଖିଳ ଭାରତ ଛାତ୍ର ସଂଘର ଐତିହାସିକ ଭୂମିକା, ଶିକ୍ଷା ଓ ସାମାଜିକ ପରିବର୍ତ୍ତନରେ ଛାତ୍ରମାନଙ୍କ ଭୂମିକା ସମ୍ପର୍କରେ ସେ ପ୍ରକାଶ କରିଥିଲେ। ଛାତ୍ର ସମସ୍ୟା ସମ୍ପର୍କିତ ଆଲୋଚନାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଅଖିଳ ଭାରତ ଛାତ୍ର ସଂଘ ଛାତ୍ରୀଛାତ୍ରଙ୍କୁ ସଙ୍ଗଠିତ କରି ଶିକ୍ଷାର ବ୍ୟବସାୟୀକରଣ ବିରୋଧରେ ଛାତ୍ର ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ପୋଖରୀରୁ ମୃତଦେହ ଜବତ

### ୩ ଦିନ ହେଲା ନିଖୋଜ ଥିଲେ

ରୂପସା, ୯।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅଧୀନ ଭେଲୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଚଣ୍ଡୀପୁର ଗ୍ରାମର ଗୌରାଙ୍ଗ ମୁଖି (୫୪)ଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ଗତ ୭ ତାରିଖ ସନ୍ଧ୍ୟାରୁ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ସକାଳ ସମୟରେ ବାଇତପଡ଼ା ଗ୍ରାମର ଏକ ପୋଖରୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ଗୌରାଙ୍ଗଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକ ଆସି ଏ ସମ୍ପର୍କରେ ଅମର୍ଦ୍ଦା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସନ୍ଦୀପ ଖୁନ୍ତୁର୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୪/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ତେବେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

# ଗୋପବାବୁ ଥିଲେ ଜନତାଙ୍କ ନେତା: ମନ୍ତ୍ରୀ

ବାଲେଶ୍ୱର,୯।୯ (ମାନସ ବିଶ୍ୱାଳ)



ଭୂତପୂର୍ବ ବିଧାୟକ ଗୋପନାରାୟଣ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୂର୍ବରୁ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ**

ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ଓଟିରୋଡ୍ ପାର୍ଶ୍ୱରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସଂସ୍କୃତି ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଗୋପନାରାୟଣ ବାଲେଶ୍ୱର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ, ଶିଳ୍ପାୟନ ଏବଂ ବାଲିଘାଟ ସେତୁ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କଂଗ୍ରେସ ଦଳର ଆଗଧାଡ଼ିର ନେତା ଭାବେ ସେ ଜଣାଶୁଣା ଥିଲେ। ବାଲିଆପାଳ ଘାଟି ଆନ୍ଦୋଳନକୁ ବିରୋଧ କରାଯାଉଥିବାବେଳେ ତାଙ୍କର ଉଦ୍ୟମରେ ଚାନ୍ଦିପୁରରେ ଆଇଟିଆର୍ ପ୍ରତିଷ୍ଠା ହୋଇପାରିଥିଲା। ତେଣୁ ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି 'ଅଗ୍ନି ବିଧାୟକ' ଭାବେ ସମ୍ବୋଧନ କରୁଥିଲେ। କାର୍ଯ୍ୟକ୍ରମକୁ କମିଟିର ବରିଷ୍ଠ କର୍ମକର୍ତ୍ତା ତଥା କୁରୁଡ଼ା ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ରତିକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ହଜାରେ ଦିନରେ ହଜାରେ ଶିଳ୍ପ' ଯୋଜନାକୁ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ସଫଳ କରିବା କ୍ଷେତ୍ରରେ ସ୍ୱର୍ଗତ ଦାସଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଦର୍ଶାଇଥିଲେ। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଉପନିର୍ବାଚନ ଏବଂ ତା' ପୂର୍ବରୁ ସେ ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ସେ ଗୋପବାବୁଙ୍କ ପରାମର୍ଶ ନେଇ କାମ କରିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ପୌରାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ଉତ୍ତର ଓଡ଼ିଶା ବିକାଶ ପରିଷଦ ସମ୍ପାଦକ ସୁଭାଷ ମାସନ୍ତ, ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ ଓ ଅର୍ଚ୍ଚନା ନନ୍ଦୀ, ମନୋଜ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନରେ ସମସ୍ତ ଦଳର ରାଜନୈତିକ ନେତା ଓ କର୍ମୀମାନେ ଉପସ୍ଥିତ ଥିବାରୁ ଗୋପବାବୁଙ୍କ କେତେ ସୁଖ୍ୟାତି ରହିଥିଲା ତାହା ସ୍ପଷ୍ଟ ଭାବେ ବାରି ହୋଇପଡ଼ିଥିଲା ବୋଲି କହିଥିଲେ। ଗୋପୀନାଥ ପାଢ଼ୀ, ପ୍ରଜ୍ଞାପାରମିତା ମହାନ୍ତି, ତୁଷାରକାନ୍ତି ମହାପାତ୍ର, ଶ୍ରମିକ ନେତା ଅରୁଣ ଜେନା, ଆଇନଜୀବୀ ମିର୍ ଅବଦୁଲ ମଜିଦ, ପ୍ରତିମା ପଣ୍ଡା, ହେମଲତା ଦାସ, ଗୋପନାରାୟଣଙ୍କ ସାନପୁଅ ଦେବଦତ୍ତ ଦାସ, କାଉନସିଲର ରଞ୍ଜିତା ମହାପାତ୍ର, ସେଖ ଆୟୁବ ଓ କାର୍ତ୍ତିକ ମହାପାତ୍ର ଓ ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୋପନାରାୟଣଙ୍କ ବଡ଼ ପୁଅ ବିଭୁପଦ ଦାସ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ସଞ୍ଜୀବ



@ସାର୍ଥକ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ




ମଞ୍ଚରେ ଉପସ୍ଥିତି ଅତିଥିମାନେ।

ଯୋଡ଼ା,୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବନେଇକଳା ରିକ୍ରିଏସନ କ୍ଲବ୍‌ଠାରେ ଏସ୍‌ଟି ଜନ ଆମ୍ବୁଲାନ୍ସ ଯୋଡ଼ା ଡିଭିଜନ ଓ କେନ୍ଦୁଝର ଆନ୍ତର୍ଜାତୀୟ ମାନବ ଅଧିକାର ପରିଷଦଙ୍କ ମିଳିତ ଉଦ୍ୟମରେ ଶନିବାର ଜିଲାସ୍ତରୀୟ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ପ୍ରାଥମିକ ଚିକିତ୍ସା ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟାଟାଷ୍ଟିଲ ଫାଉଣ୍ଡେସନ ଡାକ୍ତର ଆକାଶ ଶତପଥୀ ଦିବସକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୧୩ ବିଦ୍ୟାଳୟ ଓ ୪ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ୨ ଶିଳ୍ପସଂସ୍ଥା, ୪ ଖଣି କମ୍ପାନୀ, ଡ୍ରାଇଭର ମହାସଂଘ, ଅଗ୍ନିଶମ ବିଭାଗ, ଟାଟା ଫାଉଣ୍ଡେସନ, ମର୍ଣ୍ଣିଂ ଫିଟ୍‌ନେସ ଟିମ ପ୍ରାଥମିକ ଚିକିତ୍ସା ମକଡ୍ରିଲ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇଥିବା ବେଳେ ଟାଟାଷ୍ଟିଲ ବରିଷ୍ଠ ଅଧିକାରୀ ଅବିନାଶ କୁମାର, ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ଜିଲା ସଭାପତି ସରୋଜ ତରାସିଆ, ସମ୍ପାଦକ ପ୍ରବୀଣ କ୍ଷେତ୍ର, ଦମୟନ୍ତୀ ସାମଲ, ସୁଭଦ୍ରା ପ୍ରଧାନ, ଶିବ ଶଙ୍କର ରାଜ, ସତ୍ୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ୬ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ଟି ଜନ ଆମ୍ବୁଲାନ୍ସ ଯୋଡ଼ା ସଭାପତି ସୁପୀଲ ସାମଲ, ପି.ଭେଙ୍କଟ ରାଓ, ସଞ୍ଜୟ ମହାନ୍ତି, ସନ୍ଦୀପ ଚୌରାସିଆଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ରାସ୍ତା ମଝିରେ ଗାତ



ମୋରଡ଼ା,୯।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତର ତେନ୍ତୁଳିଗଛ ଛକ ନିକଟରେ ଥିବା ଚିତ୍ରଡା-ବାରୁଡ଼ିହି ରାସ୍ତା ମଝିରେ ଏକ ବିରାଟ କାୟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଉକ୍ତ ରାସ୍ତା ଦେଇ ଦୈନିକ କାକୁଡିହା, ବାରୁଡ଼ିହି, ମାର୍କେଟସାହି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟାଳୟ, ଚିତ୍ରଡା ବଜାର, ବ୍ୟାଙ୍କକୁ ଯିବାଆସିବା କରନ୍ତି । କିନ୍ତୁ ଉକ୍ତ ରାସ୍ତା ମଝିରେ ତିନି ଫୁଟ ଗଭୀର ଓ ପ୍ରାୟ ପାଞ୍ଚ ଫୁଟ ଲମ୍ବର ଏକ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଲୋକେ ଯାତାୟାତ କରି ପାରୁନାହାନ୍ତି। ବର୍ତ୍ତମାନ ଉକ୍ତ ରାସ୍ତାକୁ ମରାମତି କରିବା ସହିତ ଆଗାମୀ ଦିନରେ କଂକ୍ରିଟ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏବାବଦରେ ଚିତ୍ରଡା ସରପଞ୍ଚ ବାଳକ ମାର୍ଣ୍ଡିଙ୍କୁ ପଚାରିବାରୁ ରାସ୍ତାର ମରାମତି ପାଇଁ ସେ ସ୍ଥାନୀୟ ୱାର୍ଡ ମେମ୍ବରଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ଯଥାଶୀଘ୍ର ମରାମତି ହେବ ବୋଲି କହିଛନ୍ତି।

